ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୪ ଜୁଲାଇ, ୨୦୨୩

**୭୨ କିଲୋ ଗଞ୍ଜେଇ ଜବତ, ୨ଗିରଫ**

ଫୁଲବାଣୀ ,(ରାକେଶ କୁମାର ରାଉତ )- ଫୁଲବାଣୀ ସଦର ଅବକାରୀ ବିଭାଗ ରବିବାର ମାଷ୍ଟ୍ରପଡା ଛକ ନିକଟରେ ଚଢ଼ାଉ କରି ଗୋଟିଏ ଅଟୋରୁ ୭୨କିଲୋ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସଦର ଥାନା ଅନ୍ତର୍ଗତ ଜାମୁଝରି ପଞ୍ଚାୟତର ପଦର ସାହି ଗ୍ରାମର ସୁଶାନ୍ତ ବେହେରା ଓ ଧିରେନ ବେହେରାଙ୍କୁ ଗିରଫ କରାଯାଇଛି। ଗଂଜେଇ ଚାଲାଣ ହେଉଥିବା ନେଇ ଖବର ପାଇ ଫୁଲବାଣୀ ସଦର ଅବକାରୀ ବିଭାଗର କର୍ମଚାରୀ ମାନେ ଏହି ଚଢ଼ାଉ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ୪୦/୨୦୨୩/୨୪ ଏକ ମାମଲା ରୁଜୁ କରା ଯାଇଛି। ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀଧର ହେମ୍ବ୍ରମ, ଏଏସ୍ଆଇ ସୁଜିତ କୁମାର ମୁଦୁଲି, କନେଷ୍ଟବଲ ସଦାଶିବ ରଣା, ସଚିନ ଗୁରୁ ,ଏମ୍ ସଞ୍ଜୀବ କୁମାର ଏବଂ ଅନିଲ ବେହେରା ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ୧୮ କୁଇଣ୍ଟାଲ ଗଞ୍ଜେଇ ଜବତ,୨ କୋର୍ଟ ଚାଲାଣ

**ମୋହନା,୨୩।୭(ମନ୍ମଥ ମିଶ୍ର):** ମୋହନା ଥାନା ଅନ୍ତର୍ଗତ କମଳାପୁର ନାକା ଗେଟଠାରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ଏକ ଟ୍ରକ (ନଂ ଏମଏଚ୍ ୫୦ ଏନ ୦୨୯୯)ରୁ ୫୪ଟି ବସ୍ତାରେ ଥିବା ୧୮ କୁଇଣ୍ଟାଲ ୧୭ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ମହାରାଷ୍ଟ୍ରର ସୋଲପୁର ଅଞ୍ଚଳର ଶୁଭମ୍ ସଞ୍ଜୟ୍ ସୋନାଲେ ଏବଂ ଗୁଞ୍ଜନ ମହାଦେବଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ, ନଗଦ ୩୦ ହଜାର ଟଙ୍କା, ଗୋଟିଏ ଜିପିଆରଏସ ସମେତ ମାଛଦାନା ଥିବା ଗାଡ଼ି ଜବତ କରିଛି। ଉକ୍ତ ଗଞ୍ଜେଇ ଅଡବା ଥାନା ଅନ୍ତର୍ଗତ ହାଟିପଙ୍ଗା ଗ୍ରାମରୁ ମହାରାଷ୍ଟ୍ର ଚାଲାଣ କରାଯାଉଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ମୋହନା ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସେଠୀ।

### ଲକ୍ଷାଧିକ ଟଙ୍କାର କାଠ ଜବତ

**କୋଦଳା,୨୩।୭(ଅମିତ କୁମାର ପଟ୍ଟନାୟକ):** କୋଦଳା ଏବଂ ସାତନଳ ଛକରେ ଦୀର୍ଘଦିନ ହେଲା ବେଆଇନ ଭାବେ କାଠ କଟାଯାଇ ସରଞ୍ଜାମ ତିଆରି ଚାଲିଥିଲା। ପୋଲସରା ବନବିଭାଗ ଏହା ଜାଣିବା ପରେ ରବିବାର ସେଠାରୁ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ସାତନଳ ଛକରୁ ଜବତ ପଟାକୁ ନେବା ସମୟରେ କାଠ ବେପାରୀଙ୍କ ସମ୍ପର୍କୀୟମାନେ ଗାଡି ନ ଛାଡିବାରୁ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ଚାପା ଉତ୍ତେଜନା ଦେଖା ଦେଇଥିଲା। ପରେ ସ୍ଥିତିକୁ ଆୟତ୍ତ କରି ଘଟଣାସ୍ଥଳରୁ ୫ ଜଣଙ୍କୁ ବନ ବିଭାଗ ନେଇ ଅଟକ ରଖିଛି। ଘଟଣାର ତଦନ୍ତ ଚାଲିଥିବା କୋଦଳା ଫରେଷ୍ଟର ବଳରାମ ଶବର କହିଛନ୍ତି।

### ରୋଟାରୀ କ୍ଲବର ଅଭିଷେକ ପ୍ରତିଷ୍ଠା ଉତ୍ସବ

**ବ୍ରହ୍ମପୁର,୨୩।୭(ସ୍ମୃତି ରଞ୍ଜନ ମହାଲିକ):** ରୋଟାରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ରବିବାର ୬୯ତମ ଅଭିଷେକ ପ୍ରତିଷ୍ଠା ଉତ୍ସବ ଶୁଭମ ସେଲିବ୍ରେସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବ ପକ୍ଷରୁ ନୂତନ ସଦସ୍ୟ ଗଠନ ହୋଇଥିଲା। କ୍ଲବର ନୂତନ ସଭାପତି ରୂପେ ପ୍ରଦ୍ୟୁମ୍ନ କୁମାର ବିଶୋୟୀ ଓ ସଂପାଦିକା ମଧୁସ୍ମିତା ସାହୁ ଶପଥ ପାଠ କରିଥିଲେ। କ୍ଲବର ପୂର୍ବତନ ସଭାପତି ସତ୍ୟକାମ ପାତ୍ର ଓ ସଂପାଦକ ସାର୍ଥକଙ୍କ କାର୍ଯ୍ୟକଳାପକୁ ନୂତନ ସଦସ୍ୟମାନେ ପ୍ରଶଂସା କରିଥିଲେ। କ୍ଲବ ପକ୍ଷରୁ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଗରିବ ଛାତ୍ରୀଛାତ୍ରଙ୍କୁ ସାହାର୍ଯ୍ୟ ସହ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇବ ବୋଲି କୁହାଯାଇଛି।

### ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ନେଇ ଭୂମି ପୂଜନ

**ପାରଳାଖେମୁଣ୍ଡି,୨୩।୭(ଗିରିଧାରୀ ପରିଛା):** ପାରଳାଖେମୁଣ୍ଡି ସହରର ରାମ ନଗରଠାରେ ରବିବାର ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଏହି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ଲାଗି ପୂର୍ବରୁ ଶୁଭ ଖୁଣ୍ଟି ସ୍ଥାପନ କରିଥିବା ବେଳେ ରବିବାର ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ଶିଳା ନ୍ୟାସ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ଦଉ ମଠର ମହନ୍ତ ରାମାନନ୍ଦୀ ଦାସ ମହାରାଜ, ବିଶ୍ୱ ହିନ୍ଦୁ ପରିଷଦର ହରିମୋହନ ପଟ୍ଟନାୟକ, ଏକ ନମ୍ବର ୱାର୍ଡର ପୂର୍ବତନ କାଉନ୍ସିଲର କେ. ପୁନ୍ୟବତୀ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ଜିଲା ବିଜେଡିର ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ହାଇଟେକ ମେଡିକାଲ ଅଧକ୍ଷ ତିରୁପତି ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଜମିଦାର ପଟ୍ଟନାୟକ ପ୍ରମୁଖଙ୍କ ସହ ଜିଲା ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଏବଂ ବଜରଙ୍ଗ ଦଳର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଆରୁଖି ଗଳିରେ ଜଳୁନି ଷ୍ଟ୍ରିଟଲାଇଟ

**ଜି.ଉଦୟଗିରି,୨୩।୭(ଶିଶିର ପଟ୍ଟନାୟକ)-** ଜି.ଉଦୟଗିରି ସହରରେ ଷ୍ଟ୍ରିଟଲାଇଟ ନିୟମିତ ଯାଞ୍ଚ ନହେବା ଫଳରେ ଖରାପ ହୋଇ ବିଭିନ୍ନ ସ୍ଥାନ ଅନ୍ଧାରରେ ରହୁଛି। ଅଭିଯୋଗ ପରେ ମଧ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜି.ଉଦୟଗିରି ଆରୁଖି ଗଳି ସହିତ ସହରର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ ଲାଇଟ ଖରାପ ହୋଇ ପଡିଛି। ଅଭିଯୋଗ ପରେ ମଧ ସମସ୍ୟା ସୁଧୁରୁନି। ଅନ୍ଧାର ଯୋଗୁ ବର୍ଷା ଦିନେ ଅନେକ ସମୟରେ ବିଷଧର ସାପ ବାହାରକୁ ବାହାରୁଛନ୍ତି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସାପ ଧରି ଜଙ୍ଗଲରେ ଛାଡୁଛନ୍ତି। ଏହାସହିତ ଅସାମାଜିକ ଲୋକମାନଙ୍କ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ତେଣୁ ବଜାରରେ ଲାଇଟ ନିୟମିତ ଯାଞ୍ଚ କରିବା ସହିତ ଅନ୍ଧାରରେ ଥିବା ସାହିଗୁଡିକରେ ଆଲୋକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଜାନବିଲି ପ୍ରକଳ୍ପ ପାଣି ପାଇପ୍ ଲାଇନ ଫାଟିଲା

**ଧରାକୋଟ,୨୩।୭(ବିଷ୍ଣୁ କେଶରୀ ଆଚାରୀ)**

ବ୍ରହ୍ମପୁର ସହରର ପିଇବା ପାଣି ସମସ୍ୟାର ଦୂରୀକରଣ ପାଇଁ ରାଜ୍ୟ ସରକାର ଜାନବିଲି ଆନିକଟଠାରୁ ପାଇପ ଯୋଗେ ପାଣି ନେଉଛନ୍ତି । ଋଷିକୁଲ୍ୟା ନଦୀ ଉପରେ ଷ୍ଟୋରେଜ ବ୍ୟବସ୍ଥା କରି ଏଠାରୁ ପାଣି ଦକ୍ଷିଣପୁର ଘାଇକୁ ନିଆଯାଉଛି। ସେଠାରୁ ପାଣିକୁ ବିଶୋଧନ କରି ବ୍ରହ୍ମପୁର ସହରକୁ ଯୋଗାଇ ଦିଆଯାଉଛି। ୫୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଏଲ ଆଣ୍ଡ ଟି ଦ୍ୱାରା ମାତ୍ର ଚାରି ବର୍ଷ ପୂର୍ବେ ନିର୍ମାଣ ହୋଇଛି। ବ୍ରହ୍ମପୁରବାସୀଙ୍କ ଦୀର୍ଘ ଦିନର ପିଇବା ପାଣି ସମସ୍ୟା ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ସମାଧାନ ହୋଇଛି। ହେଲେ ସମ୍ପ୍ରତି ମୁଣ୍ଡମରାଇ ବସଷ୍ଟାଣ୍ଡ ପାଖରେ ପାଇପ ଲାଇନ ଫାଟି ଜାତୀୟ ରାଜପଥରେ କୃତ୍ରିମ ଝରଣା ସୃଷ୍ଟି ହୋଇଛି। ପାଇପ ଲାଇନ ଫାଟିଯିବାରୁ ସେଠାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତରେ ଲୋକେ ନିତି ଦିନିଆ ଗାଧୁଆ ପାଧୁଆ କରିବା ସହ ଦୁଇ ଚକିଆ ଗାଡ଼ି ଧୁଆଧୋଇ କରୁଛନ୍ତି । ଗର୍ତ୍ତର ଅପରିଷ୍କାର ପାଣି ବ୍ରହ୍ମପୁର ସହରକୁ ଯୋଗାଣ ହେଉଛି । ସଂପ୍ରତି ବର୍ଷାଦିନ ଯୋଗୁ ଏହାଦ୍ୱାରା ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ରହିଛି । ଏଣୁ କର୍ତ୍ତୃପକ୍ଷ ତୁରନ୍ତ ଫାଟି ଯାଇଥିବା ପାଇପ ଲାଇନ ମରାମତି ପାଇଁ ଦାବି ହେଉଛି।


ପାଇପ ଫାଟି ପାଣି ଜମି ରହିଛି।

# ଘାଟିରେ ଅଟକିଲା ଟ୍ରକ, ଯାତାୟାତ ବାଧାପ୍ରାପ୍ତ

**ଦାରିଙ୍ଗବାଡି,୨୩।୭(ଅରୁଣ ସାହୁ)**

## ବର୍ଷା ଯୋଗୁ ଯାତ୍ରୀ ହଇରାଣ



ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ୫୯ ନଂ ଜାତୀୟ ରାଜପଥର ଗଜାଲବାଡି ଘାଟିରେ ଏକ ୧୪ ଚକିଆ ଟ୍ରକ ଅଟକି ରହିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବ୍ରହ୍ମପୁରରୁ ବାଲିଗୁଡା, ଦାରିଙ୍ଗବାଡି ଗାଡିଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଘାଟି ଉପରେ ଏକାଧିକ ଯାତ୍ରୀବାହୀ ବସ ସମେତ ପରିବାର ନେଇ ଯାଉଥିବା କାରଗୁଡ଼ିକ ଘାଟିର ଦୁଇ ପାର୍ଶ୍ୱରେ ଅଟକି ରହିଛି। ଗୋଟିଏ ପଟେ ଘାଟିରେ ପ୍ରବଳ ବର୍ଷା ପାଇଁ ଅଟକିଥିବା ଟ୍ରକକୁ ବୁଲାଣି ରାସ୍ତାରୁ ହଟାଯାଇପାରିନି। ପ୍ରକାଶ ଯେ, ଜାତୀୟରାଜପଥ ବିଭାଗ ପକ୍ଷରୁ ଉକ୍ତ ଘାଟି ରାସ୍ତା ଆରମ୍ଭ ହେଉଥିବା ଉଭୟ ଗଜାଲବାଡି ଏବଂ ଦାରିଙ୍ଗବାଡି ପଟୁ ଭାରିଯାନ ନେବାପାଇଁ ବାରଣ କରାଯାଇ ବଡ଼ ହୋର୍ଡିଂ ଲଗାଯାଇଛି। ହେଲେ ଏହାକୁ କେହି ଖାତିର କରୁ ନ ଥିବାରୁ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଛୋଟବଡ ଗାଡିଗୁଡିକ ବୁଲାଣି ଘାଟିରେ ହଇରାଣ ଭୋଗୁଛନ୍ତି। ଖବର ଲେଖିବା ସୁଦ୍ଧା ପ୍ରାୟ ୩୦ରୁ ଅଧିକ ଗାଡି ରାଜପଥ ଉପରେ ପ୍ରାୟ ୪ ରୁ ୫ ଘଣ୍ଟା ହେଲା ଅଟକି ରହିଛି।

# ୩୫ ବର୍ଷ ପରେ ଘରକୁ ଫେରିଲେ ଘନଶ୍ୟାମ

**ଛତ୍ରପୁର,୨୩।୭(ସନ୍ତୋଷ ପାଢୀ)**

ଦୀର୍ଘ ୩୫ ବର୍ଷ ହେଲା ମା'ଠାରୁ ଦୂରେଇ ଯାଇଥିବା ପୁଅ ଫେରିଛି । ପରିବାରରେ ହସଖୁସିର ମାହୋଲ ସୃଷ୍ଟି ହୋଇଛି । ଗଞ୍ଜାମ ଜିଲା ଛତ୍ରପୁର ନିକଟ ବାଲିବଗଡ ଗାଁରେ ଏପରି ଦେଖିବାକୁ ମିଳିଛି । ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଘରଛାଡ଼ି ସୁଦୂର କଶ୍ମୀର ପଳାଇଥିବା ଘନଶ୍ୟାମ ନାୟକ ବାଲିବଗଡ ଗାଁରେ ଥିବା ନିଜ ଘରକୁ ଫେରିଛନ୍ତି। ସେ ତାଙ୍କ ସଂଘର୍ଷମୟ ଜୀବନ କାହାଣୀ ବଖାଣିଛନ୍ତି।

ଘନଶ୍ୟାମ କହିଛନ୍ତି, ୩୫ ବର୍ଷ ପୂର୍ବେ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ତେଣୁ ପାଠପଢ଼ା ବନ୍ଦ କରି କାହାକୁ କିଛି ନକହି ସେ ଘର ଛାଡି ପଳାଇଥିଲେ । ଏକ ଟ୍ରେନ୍‌ରେ ବସି ସେ ଜାମ୍ମୁ କଶ୍ମୀରରେ ପହଞ୍ଚିଥିଲେ । ସେଠାରେ ସେ ଏକ କମ୍ପାନୀରେ କାମ କଲେ। ଆର୍ଥିକ ସ୍ୱଚ୍ଛଳ ହେବାପରେ ବିବାହ କଲେ। ବର୍ତ୍ତମାନ ପୁଅ ଓ ଝିଅ କାଶ୍ମୀରରେ ଅଛନ୍ତି। ଘର ଛାଡି ଯିବାବେଳେ ଟେଲିଫୋନ୍ ସୁବିଧା ନଥିଲା । ୧୯୯୦ରୁ ୧୦ବର୍ଷ ପର୍ଯ୍ୟନ୍ତ ଘର ସହ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚିଠି ପଠାଇଥିଲେ କିଛି ତ୍ରୁଟି ପାଇଁ ତାହା ଘରେ ପହଞ୍ଚୁ ନ ଥିଲା । ଶେଷରେ କଶ୍ମୀରରେ ଜଣେ ଭାଜପା ନେତାଙ୍କ ସହଯୋଗରେ ଗାଁକୁ ଚିଠି ପଠାଇବାରୁ ଚିଠିର ଉତ୍ତର ସହ ମୋବାଇଲ ନମ୍ବର ମିଳିଥିଲା । ଏହାପରେ କଶ୍ମୀରରୁ ଘରକୁ ଫେରିଲେ ବୋଲି ଘନଶ୍ୟାମ କହିଛନ୍ତି। ପୁଅକୁ ପାଖରେ ପାଇ ମା' ଚନ୍ଦ୍ରମା ନାୟକଙ୍କ ଖୁସି କହିଲେ ନ ସରେ। ଶେଷବେଳେ ପୁଅ ମୋତେ ଟିକେ କାନ୍ଧ ଦେବ ବୋଲି ଛଳଛଳ ଆଖିରେ କହିଛନ୍ତି। ଘନଶ୍ୟାମଙ୍କ ୩ ଭାଇ। ମଝିଆ ଭାଇଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ୨ ଭାଇ ଘନଶ୍ୟାମଙ୍କୁ ପାଇ ଖୁସି ବ୍ୟକ୍ତ କରିଛନ୍ତି।


ମା'ଙ୍କ ସହ ଘନଶ୍ୟାମ ନାୟକ ।

## ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରମ୍ଭା,୨୩।୭ (ବନବାସୀ ସେଠୀ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ଗ୍ରାମପଞ୍ଚାୟତ ଅଧୀନସ୍ଥ କାଞ୍ଚନେଶ୍ୱର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଅମୂଲ୍ୟ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସନ୍ତୋଷପୁର କ୍ଲଷ୍ଟରର ସିଆର୍‌ସିସି ଶରତ ଚନ୍ଦ୍ର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଏଲ. ଲବ କୁମାର ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରକାଶ କୁମାର ପ୍ରଧାନ, ସେବାକାନ୍ତ ନନ୍ଦ, ବିଭୁତି ଚରଣ ବେହେରା, ଅଶୋକ କୁମାର ବେହେରା ଏବଂ କର୍ମଚାରୀ ସବିତା, ଅହଲ୍ୟା, ଜୟନ୍ତୀ ଏବଂ ଟୁନା ମହାରଣା, ବିଜୟ ଲକ୍ଷ୍ମୀ ମହାରଣା ସହଯୋଗ କରିଥିଲେ।

# ଥାନା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟୀ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆସିକା,୨୩।୭(ସୁରେନ୍ଦ୍ର ନାଥ ସାହୁ)**

ଆସିକା ଆଦର୍ଶ ଥାନା ଥାନାଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ରବିବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସମସ୍ତେ ବିଦାୟୀ ଅଧିକାରୀ ସାହୁଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠାପରତା ଓ ଜନସାଧାରଣ ପ୍ରତି ବ୍ୟବହାରର ପ୍ରଶଂସା କରାଯିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି କାମନା କରାଯାଇଥିଲା । ସୂଚନାଯୋଗ୍ୟ, ସାହୁ ୨୦୧୯ ଅଗଷ୍ଟ ୨୨ରୁ ଆସିକା ଥାନାର ଥାନା ଅଧିକାରୀ ଭାବେ କାର୍ଯ୍ୟକରି ଆସିଥିଲେ । ତାଙ୍କର ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ବିଭିନ୍ନ ମାମଲାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆଦି ବିଭିନ୍ନ ବିଷୟ ଉପରେ ଆଧାରିତ ଏକ ସର୍ଭେରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆସିକା ଥାନା ଦେଶର ଶ୍ରେଷ୍ଠ ଥାନାର ମାନ୍ୟତା ହାସଲ କରଥିଲା। ସଂପ୍ରତି ସାହୁ ପଦୋନ୍ନତି ପାଇ ପୁରୀ ସିଟି ଡିଏସପି ଭାବେ କାଯ୍ୟରେ ଯୋଗଦେବେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସମ୍ମିଳନୀ

**ପାରଳାଖେମୁଣ୍ଡି,୨୩।୭(ଗିରିଧାରୀ ପରିଛା)**

ଗଜପତି ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ବାର୍ଷିକ ସମ୍ମିଳନୀ ସଂଘର ସଭାପତି ରାଜେନ୍ଦ୍ର କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ବାହାଦୁର, ଉପସଭାପତି ମଧୁ ପୋଲାକି, ସହସମ୍ପାଦକ ରବି କୁମାର ପାତ୍ର, କୋଷାଧକ୍ଷ ମନୋଜ ପଣ୍ଡା ଓ ରାଜ୍ୟ ସଂଯୋଜକ ନୃସିଂହ ଚରଣ ମିଶ୍ର ଓ କେ. ବାଳକ୍ରିଷ୍ଣା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ସାତ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ସଂଘର ଆଗାମୀ ରଣନୀତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ସଭ୍ୟ ସଂଘକୁ ସୁଦୃଢ଼ କରିବା ସହ ସରକାରଙ୍କ ନିକଟରେ ନ୍ୟାଯ୍ୟ ଦାବି ଯଥା ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାକିରି ସର୍ତ୍ତାବଳୀରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ବଦଳରେ ଯୁକ୍ତ ତିନିକୁ ପରିବର୍ତ୍ତନ କରାଯିବା ସହ ଦରମାରେ ଥିବା ଅସଙ୍ଗତି ଦୂର କରିବା ପାଇଁ ଦାବି କରିଥିଲେ। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆଗାମୀ ଦିନରେ ଆନ୍ଦୋଳନ ନିମନ୍ତେ ସମସ୍ତ ସଭ୍ୟାସଭ୍ୟ ପ୍ରସ୍ତୁତ ରହିବା ପାଇଁ ସଭାପତିଙ୍କ ପ୍ରସ୍ତାବକୁ ସମସ୍ତେ ସ୍ୱୀକାର କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ପୂର୍ବରୁ ଥିବା ସମସ୍ତ କର୍ମକର୍ତ୍ତାମାନଙ୍କୁ ପୁନର୍ବାର ଚୟନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ପଟ୍ଟନାୟକ, କେ. ମୁରଲୀ, ରାସ ବିହାରି ପାତ୍ର, ଶ୍ୟାମସୁନ୍ଦର ରେଡ୍ଡୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ସନ୍ତୋଷ ବାହାଦୁର ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଆଲୋଚନା ଚାଲିଛି।

# ସରୋଜିନୀଙ୍କ ସ୍ମୃତିଚାରଣ ସଭା


ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି।

**ପାତ୍ରପୁର,୨୩।୭(ଉମାଚରଣ ନେପାକ)**

ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ସ୍ତ୍ରୀ ସରୋଜିନୀ ଦ୍ୟାନ ସାମନ୍ତରାଙ୍କ ଗତ ୧୨ ତାରିଖରେ ପରଲୋକ ଘଟିଛି। ରବିବାର ଦ୍ୱାଦଶ ଦିବସ ଅବସରରେ ପାତ୍ରପୁର ବ୍ଲକ ବମକୋଇସ୍ଥିତ ନିଜ ବାସଭବନଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସରୋଜିନୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅପର୍ଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହଳଧର କାର୍ଯୀ, କାହ୍ନୁଚରଣ ପତି, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ସମୀର ମହାନ୍ତି, ଭୃଗୁବକ୍ସି ପାତ୍ରଙ୍କ ସମେତ ଜିଲା ଓ ରାଜ୍ୟରୁ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ସାନ୍ଦୀପନି ବିଦ୍ୟାନିକେତନରେ ମାତୃ ସମ୍ମିଳନୀ


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ଗୁରୁମା ଗୁରୁଜୀ।

**ଚିକିଟି,୨୩।୭(ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ଥିବା ସାନ୍ଦୀପନି ବିଦ୍ୟାନିକେତନରେ ରବିବାର ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ମା'ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାନିକେତନର ସମ୍ପାଦକ ଇ. ସୀମାଞ୍ଚଳ, ସମ୍ମାନିତ ଅତିଥିଭାବେ ସଭାପତି ଏସ୍. ନାଗଭୂଷଣ, ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାର କିପରି ଉନ୍ନତି ହୋଇପାରିବ ସେ ଉପରେ ଆଲୋକପାତ କରାଯାଇଥିଲା। ଆଦର୍ଶ ଗୁରୁମା ରଶ୍ମିରେଖା ପଣ୍ଡା ଓ ଅଜିତ ଗୁରୁଜୀ ଶିଶୁର ଉନ୍ନତିରେ ମା'ଙ୍କ କର୍ତ୍ତବ୍ୟ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ମାତୃ ସମ୍ମିଳନୀକୁ ଗୁରୁମା କିଶୋରୀ ପ୍ରଧାନ, ଗାୟତ୍ରୀ, ସନ୍ଧ୍ୟା ପରିଚାଳନା କରିଥିବା ବେଳେ ଗୁରୁଜୀ ସନ୍ତୋଷ କୁମାର ବେହେରା, ସୁବାଶିଷ ପ୍ରଧାନ, ଉମାକାନ୍ତ ପାତ୍ର, ରଞ୍ଜନ ବଡତ୍ୟା, ସନ୍ତୋଷ ବେଜ, ଗୁରୁମା ସସ୍ମିତା ଜେନା, ସସ୍ମିତା ଗୌଡ଼, ଦିୱାନୀ ପ୍ରଧାନ, ଗାୟତ୍ରୀ କୁମାରୀ ପ୍ରଧାନ, ଶିବାନୀ ପ୍ରଧାନ, ଏମ. ସୋନି, ରାଜେଶ୍ୱରୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା

**ଭଞ୍ଜନଗର,୨୩।୭(ବାବୁଲା ପ୍ରଧାନ)**

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ସନ୍ଧ୍ୟାରେ ଜଳସମ୍ପଦ ବିଭାଗ ଡ଼ାକ ବଙ୍ଗଳା ପରିସରରେ ଭଞ୍ଜନଗର ବ୍ଲକର ପଞ୍ଚାୟତ ପ୍ରତିନିଧିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ବିଭିନ୍ନ ଯୋଜନାରେ ପଞ୍ଚାୟତଗୁଡ଼ିକରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯୋଜନା ପହଞ୍ଚି ପାରିବ ସେ ଉପରେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ନରୀସଭା ନାୟକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସୂଚନାଯୋଗ୍ୟ, ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବା ସମ୍ଭାବନା ରହିଛି। ତେଣୁ ଶାସକଦଳ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଚାଲିଛି । ସୋମବାର ଜଗନ୍ନାଥପ୍ରସାଦ ବ୍ଲକର ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ମଧ ଅର୍ଥମନ୍ତ୍ରୀ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ।

# ଛତ୍ରପୁର ତାଲୁକା ରେଡ୍ଡୀ ସଂଘର ସଭା


ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଛତ୍ରପୁର,୨୩।୭(ସନ୍ତୋଷ ପାଢ଼ୀ)**

## କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ବିଧାୟକଙ୍କ ଅନୁଦାନ ଘୋଷଣା

ଛତ୍ରପୁର ତେରସ୍ଥାନ ତାଲୁକା ରେଡ୍ଡୀସଂଘ ସଭା ଭବନରେ ରବିବାର ଏକ ସଭା ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ୧୬ ଖଣ୍ଡ ଗ୍ରାମର ବଡ଼ରେଡ୍ଡୀ, ନାଇଡ୍ଡୁ,ତାଲୁକା ପଦାଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ୧୯୪୦ର ପୁରାତନ ପ୍ରତିଷ୍ଠିତ ରେଡ୍ଡୀ ସମାଜ ସଂଗଠନର ରୂପାନ୍ତରୀଣ ଗୃହ ନିର୍ମାଣ ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ନୂତନ କମ୍ୟୁନିଟି ହଲ ନିର୍ମାଣ ପାଇଁ ୫ ଲକ୍ଷଟଙ୍କା ଅନୁଦାନ ଦେବେ ବୋଲି ବିଧାୟକ ବେହେରା ଘୋଷଣା କରିଛନ୍ତି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ୨୦ନଂ. ଜୋନ ଜିଲା ପରିଷଦ ସଦସ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଛତ୍ରପୁର ପୌର ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି.ପାପାରାଓ, ୧୪ନଂ. ୱାର୍ଡ କାଉନସିଲର ଏମ.ଅରୁନ୍ଧତୀ ରେଡ୍ଡୀ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ସମିତିସଭ୍ୟ ଅଭିରାମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ତଥା ତାଲୁକା ସଂଘର ଜିଲା ସଦସ୍ୟ ଏସ.ଚକ୍ରପାଣି ରେଡ୍ଡୀ ସଭା ପରିଚାଳନା କରିଥିଲେ। ତେରସ୍ଥାନ ତାଲୁକା ରେଡ୍ଡୀସଂଘ ସଭାପତି ଏସ.କାନ୍ତେୟା ରେଡ୍ଡୀ, ସାଧାରଣ ସମ୍ପାଦକ ପି.ସତ୍ୟନାରାୟଣ ରେଡ୍ଡୀ, ସହସମ୍ପାଦକ କେ.ମୁରଲୀ ରେଡ୍ଡୀ, କୋଷାଧକ୍ଷ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଜି.ପାପା ରାଓ, ଉପସଭାପତି ତଥା କାଉନସିଲର ଟି.ଗଣେଶ ରେଡ୍ଡୀ, ସମାଜିକ କର୍ମୀ କେ.ଚନ୍ଦ୍ରଶେଖର ରେଡ୍ଡୀ, ବି.ଶଙ୍କର ରେଡ୍ଡୀ, ପୂର୍ବତନ ସରପଞ୍ଚ ଟି.ନରସିଂହ ରେଡ୍ଡୀ, ଟି. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ସଂଘର ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଯୋଗଦେଇ ସହଯୋଗ କରିଥିଲେ। ସଂଘ ଭବନର ନିର୍ମାଣରେ ସମସ୍ତଙ୍କ ପାଣ୍ଠି ଅନୁଦାନ ପ୍ରଦାନ କରାଯିବା ନିମନ୍ତେ ଅତିଥିମାନେ ସହମତି ପ୍ରକାଶ କରିଥିଲେ ।

**ଗଛଡାଳ ପଡ଼ି ସୋଡ଼ା ଗାଡ଼ି ଭାଙ୍ଗିଲା**

ଭଞ୍ଜନଗର, (ବାବୁଲା ପ୍ରଧାନ): ଭଞ୍ଜନଗର ପାର୍କ ରାସ୍ତାରେ ଥିବା ଏକ ପୁରୁଣା ଆମ୍ବ ଗଛର ଡାଳ ରବିବାର ଭାଙ୍ଗି ପଡି ତଳେ ସୋଡ଼ା ବିକ୍ରି କରୁଥିବା ଏକ ଗାଡ଼ି ଭାଙ୍ଗି ଯାଇଛି। ଏଥିସହ ଉକ୍ତ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ ତାର ଛିଣ୍ଡିଯାଇଛି। ବର୍ଷା ଯୋଗୁ ପାର୍କ ରାସ୍ତାରେ ଭିଡ ନ ଥିବାରୁ ବଡ଼ ଅଘଟଣ ଟଳିଯାଇଛି। ପାର୍କ ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ତେଣୁ ଉକ୍ତ ରାସ୍ତାରେ ଥିବା ପୁରୁଣା ଗଛ ପ୍ରତି ବନ ବିଭାଗ ଏବଂ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ଜରୁରି ହୋଇପଡ଼ିଛି।

## ସଂକ୍ଷେପରେ

### ବିଷାକ୍ତ ଛତୁ ତରକାରି ଖାଇ ୪ ଗୁରୁତର

**ଦିଗପହଣ୍ଡି, ୨୩।୭(ଅଶେଷ ନାଥ ମିଶ୍ର):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମର ଗୋଟିଏ ପରିବାରର ୪ ଜଣ ସଦସ୍ୟ ବିଷାକ୍ତ ଛତୁ ତରକାରି ଖାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋକର୍ଣ୍ଣପୁର ଗ୍ରାମର ବି.ସହଦେବ ଦୋରା, ବି.ଅମ୍ବିକା ଦୋରା, ବି.ମାନସ ଦୋରା ଏବଂ ବି.ମହେନ୍ଦ୍ର ଦୋରା। ଶନିବାର ରାତିରେ ବି.ସହଦେବଙ୍କ ପରିବାର ଲୋକେ ଶ୍ରାବଣ ଛତୁ ତରକାରି ଖାଇଥିଲେ। ରବିବାର ଭୋରରେ ସେମାନେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ହେବା ପରେ ସୁସ୍ଥ ହେବାରୁ ସେମାନେ ଘରକୁ ଫେରିଥିବା ଜଣାପଡିଛି। ସହଦେବ ତାଙ୍କ ଚାଷ ଜମିରେ ଫୁଟିଥିବା ଏହି ଶ୍ରାବଣ ଛତୁ ଘରକୁ ଆଣି ରାତିରେ ରୋଷେଇ କରି ଖାଇଥିଲେ। ଏହାପରେ ଘରର ୪ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇପଡ଼ିଥିଲେ।

### କାର ସହ ୨୪ କିଗ୍ରା ଗଞ୍ଜେଇ ଜବତ

**ଖଜୁରିପଡା, ୨୩।୭(ବିଦୁର ବେହେରା):** ଖଜୁରିପଡା ଥାନା ଅନ୍ତର୍ଗତ ଦୁତିମେଣ୍ଡି ପଞ୍ଚାୟତ ବୈଇକୁମ୍ପା ଗାଁର ରାସ୍ତା କଡ଼ର ପୋଲିସ ଏକ କାର ସହ ଗଞ୍ଜେଇ ଜବତ କରିଛି। ଘଟଣା ଅନୁଯାୟୀ ଶୁକ୍ରବାର ରାତିରେ ବୈଇକୁମ୍ପାରୁ ଖଜୁରିପଡା ଯାଉଥିବା ରାସ୍ତା କଡ଼ରେ ଏକ କାର (ନଂ ଓଡ଼ି ୧୪ ୫୯୯୯)ବହୁତ ସମୟ ଧରି ଛିଡା ହୋଇଥିଲା। ଏହା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କାର୍‌ରୁ ୨୪ କିଲୋ ଗଞ୍ଜେଇ ଜବତ କରି କାରଟି ଥାନାକୁ ନେଇଥିବା ବେଳେ ଏ ନେଇ ନଂ.୯୬/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗେଲୀ କୁମାରୀ ସାହୁ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ଚାଷୀ ମୃତ

**ଦିଗପହଣ୍ଡି, ୨୩।୭(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ବ୍ଲକ ଭାଷ୍କଗିରି ଗ୍ରାମ ଦଳିତ ସାହିର ଚାଷୀ ପଞ୍ଚା ନାଇକଙ୍କ ରବିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ପଞ୍ଚା ଚାଷଜମିରେ କାମ କରିବା ପାଇଁ ଯାଇଥିବା ବେଳେ କୌଣସି ବିଷାକ୍ତ ସାପ ତାଙ୍କ ବାମ ଗୋଡକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଝଡ଼ାଫୁଙ୍କା କରିବା ପରେ ଅବସ୍ଥାରେ ସୁଧାର ନ ଆସିବାରୁ ସନ୍ଧ୍ୟାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନା ଅପମୃତ୍ୟୁ ମାମଲା ନଂ.୬/୨୩ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି।

### କାର ସହ ଗଞ୍ଜେଇ ଜବତ

**ଫିରିଙ୍ଗିଆ, ୨୩।୭(ବିକ୍ରମ ଦିଗାଲ):** ଫିରିଙ୍ଗିଆ ପୋଲିସ ଶନିବାର ଦିଣ୍ଡିରା ଗାଁ ପଞ୍ଚାୟତ ଆଦର୍ଶ ବିଦ୍ୟାଳୟ ପାଖରେ ଗୋଟିଏ କାର ସହ ୪୫ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣକାରୀ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଲାଆବାଡି ଅଞ୍ଚଳର ଲୋଚନ ଦିଗାଲ (୪୦)ବୋଲି ଜଣାପଡ଼ିଛି। କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଥିବାବେଳେ ପୋଲିସ ନଂ. ୧୨୮/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ପରଲୋକ

**ଭଞ୍ଜନଗର, ୨୩।୭(ବାବୁଲା ପ୍ରଧାନ):** ଭଞ୍ଜନଗର ବ୍ଲକ ପୂର୍ବତନ ଅଧକ୍ଷ ଶଶୀଭୂଷଣ ଗୌଡ(୯୦) ଶନିବାର ସନ୍ଧ୍ୟାରେ ଗାଲେରୀ ସ୍ଥିତ ନିଜ ବାସଭବନରେ ପରଲୋକ ଗମନ କରିଛନ୍ତି। ସେ ୧୯୮୪ ରୁ ୮୯ ପର୍ଯ୍ୟନ୍ତ କଂଗ୍ରେସ ସମର୍ଥିତ ବ୍ଲକ ଅଧକ୍ଷ ଥିଲେ। ତାଙ୍କର ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଆମ୍ବଗଛ

**ଖଜୁରୀପଡ଼ା, ୨୩।୭(ବିଦୁର ବେହେରା)-** ଖଜୁରିପଡ଼ା ବଜାରଠାରେ ଥିବା ବିଶ୍ରାମାଗାରକୁ ଲାଗିରହିଥିବା ଏକ ଶୁଖିଲା ଆମ୍ବଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ଲାଗିରହିଥିବା ଯୋଗୁ ଆମ୍ବଗଛରୁ ଡାଳ କାଠଭାଙ୍ଗି ପଡୁଥିବା ଦେଖିବାକୁ ମିଳୁଛି। ଏହି ଜାଗାରେ ଅନେକ ବସ୍, ବାଇକ୍, ଅଟୋ ଠିଆ ହେଉଛି ଓ ଯାତ୍ରୀମାନେ ସେହି ଜାଗାରେ ହିଁ ବସକୁ ଅପେକ୍ଷା କରିଥାନ୍ତି। ଆଖପାଖରେ ଥିବା ଦୋକାନଗୁଡ଼ିକରେ ଲୋକେ କିଣା ବିକା ପାଇଁ ଏକତ୍ରିତ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେଇ ଗଛଟିକୁ ହଟାଇବାକୁ ଖଜୁରିପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

# ଗଞ୍ଜେଇ ଚାଷ ପଛରେ ସରକାରୀ ପ୍ରୋତ୍ସାହନ

**ଫୁଲବାଣୀ, ୨୩।୭(ରାକେଶ କୁମାର ରାଉତ)**

- ଚିହ୍ନଟ ହେଉନି ଜମି ମାଲିକାନା
- ପୋଲିସ, ଅବକାରୀ ବିଭାଗ ଜାଣି ଅଜଣା

କନ୍ଧମାଳ ଜିଲାରେ ଗଞ୍ଜେଇ ଚାଷ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଚେଷ୍ଟା କରାଯାଉଥିବା କୁହାଯାଉଛି। ପ୍ରତି ବର୍ଷ ବ୍ୟାପକ ପରିମାଣରେ ଗଞ୍ଜେଇ ଗଛ କଟା ଯାଉଛି। ହେଲେ ଏହି ଜମି କାହାର ମାଲିକାନାରେ ଅଛି ତାହା ଉପରେ କିଛି ତଥ୍ୟ ପ୍ରଦାନ କରାଯାଉନାହିଁ । ପ୍ରକାରାନ୍ତରେ ଏସବୁ ଚାଷ ସରକାରୀ ଜମିରେ କରାଯାଉଛି। ତାହା ରାଜସ୍ୱ ବିଭାଗର ହେଉ ଅବା ଜଙ୍ଗଲ ବିଭାଗର। ଏହି ଦୁଇ ବିଭାଗର ଅଧିକାରୀ ସବୁ ଜାଣି ନୀରବ । କହିବାକୁ ଗଲେ ଗଂଜେଇ ଚାଷ ପଛରେ ସରକାରୀ ପ୍ରୋତ୍ସାହନ ରହିଛି । ଜିଲାରେ ଗଞ୍ଜେଇ ମାଫିଆମାନେ ଖୁଲମ୍‌ଖୁଲା ସେମାନଙ୍କ ସାମ୍ରାଜ୍ୟ ଚଳାଉଛନ୍ତି । ଜିଲାରେ ପ୍ରତି ବ୍ଲକସ୍ତରର ଲୋକ ପ୍ରତିନିଧି, ବିଡିଓ, ତହସିଲଦାର, ଅବକାରୀ ବିଭାଗ ଓ ବନ ବିଭାଗକୁ ନେଇ ବିଭିନ୍ନ ସମୟରେ ଗଞ୍ଜେଇ ଚାଷ ରୋକିବାକୁ ପ୍ରୟାସ କରାଯାଉଛି। ଲୋକପ୍ରତିନିଧି ମାନଙ୍କୁ ଗଞ୍ଜେଇ ଚାଷ ରୋକିବା ଉପରେ ଏନ୍‌ଡିପିଏସ୍ ଧାରା ୪୬ ଓ ୪୭ର ସମ୍ପର୍କରେ ଅବଗତ କରାଯାଉଛି। ହେଲେ କିଛି ଲାଭ ହେଉନି।

ଧାରା ୪୬ ଓ ୪୭ ଅନୁଯାୟୀ ଯଦି କୌଣସି ସରକାରୀ ଅଫିସର, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ଗଞ୍ଜେଇ ଚାଷ ହେଉଥିବା ଜାଣିବାକୁ ପାଆନ୍ତି ତା'ହେଲେ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ଜରୁରୀ । ତା ନ ହେଲେ ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଯଦି ଏପରି ଏକ ଆଇନ ଅଛି ତା'ହେଲେ ପ୍ରଥମ ଦୋଷୀ ଜଙ୍ଗଲ ବିଭାଗ । କାରଣ ଜଙ୍ଗଲ ଜମିରେ ଅଧିକାଂଶ ଗଂଜେଇ ଚାଷ ହୋଇଥାଏ। ଏଥିପାଇଁ ଫରେଷ୍ଟ ଗାର୍ଡ, ରେଞ୍ଜର ଏବଂ ଡିଏଫଓ ଦାୟୀ ହେବା ଉଚିତ । କିନ୍ତୁ ଆଜି ଯାଏ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ମାମଲା ମଧ୍ୟ ରୁଜୁ ହୋଇନାହିଁ।


ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

ଜିଲାରେ ପୋଲିସ୍, ରାଜସ୍ୱ, ଓ ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ବେଆଇନ୍ ଗଞ୍ଜେଇ ଗଛ ନଷ୍ଟ କରୁଛନ୍ତି। ଜିଲାରେ ଥିବା ବନାଞ୍ଚଳରେ କେତେକ ଅସାଧୁ ଗଞ୍ଜେଇ ବେପାରୀ ଲାଭ ପାଇବା ଆଶାରେ ବେଆଇନ୍ ଗଞ୍ଜେଇ ଚାଷରେ ଲିପ୍ତ ରହୁଛନ୍ତି । ଆଜି ଯାଏ କୌଣସି ଜମିରେ ଗଞ୍ଜେଇ ଚାଷ ନ ହୋଇ ସରକାରଙ୍କ ତତ୍ତ୍ୱାବଧାନରେ ଥିବା ଜଙ୍ଗଲ ଓ ରାଜସ୍ୱ ଜମି ଗୁଡ଼ିକର ଦୁର୍ଗମ ଅଞ୍ଚଳରେ ହେଉଥିବା କୁହାଯାଉଛି। ଜଙ୍ଗଲ ବିଭାଗର କର୍ମଚାରୀ ସେମାନଙ୍କ ଅଧିନରେ ଥିବା, ଫରେଷ୍ଟ ବିଟ୍ ମଧ୍ୟରେ ମୋଟ ଉପରେ ଗଞ୍ଜେଇ ଚାଷ ଉପରେ କେବେ ସରକାରଙ୍କୁ ଅବଗତ କରୁନାହାନ୍ତି। ଅନ୍ୟପକ୍ଷେ ପୋଲିସ ଏବଂ ଅବକାରୀ ବିଭାଗ ଏସବୁର ଫାଇଦା ନେଉଛି । ଜିଲାର ଫିରିଙ୍ଗିଆ ଥାନା ଏବଂ ଗୋଚ୍ଛାପଡା ଥାନା ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହେଉଛି । ଉଭୟ ବିଭାଗ ଜାଣତରେ ଏସବୁ ହେଉଛି । ହେଲେ ଅଧିକାଂଶ ସମୟରେ ଏହି ଦୁଇଟି ଥାନାର କର୍ମଚାରୀ ଖାଲି ଗଂଜେଇ ଜବତ କରୁଥିବା ପ୍ରେସ୍ ନୋଟ ଦେଉଛନ୍ତି । ଚଢ଼ାଉ ବେଳେ ଚାଲାଣକାରୀ ଫେରାର ହୋଇ ଯାଉଥିବା କହୁଛନ୍ତି । ଆଜି ପର୍ଯ୍ୟନ୍ତ ଯେତେ ଚାଲାଣକାରୀ ଫେରାର ଅଛନ୍ତି ସେମାନଙ୍କ ମଧ୍ୟରୁ ୧୦ ପ୍ରତିଶତକୁ ପୋଲିସ ଧରିବାରେ ବିଫଳ ହୋଇଛି । ପ୍ରକୃତରେ ସେମାନେ ଫେରାର ହେଉଛନ୍ତି ନା ସେମାନଙ୍କୁ ଛାଡି ଦିଆଯାଉଛି ତାହା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ଖାଲି ଗଞ୍ଜେଇ ଗଛ କାଟିବା ନାଁରେ କୋଟି କୋଟି ଟଙ୍କା ଜିଲାରେ ଚଳୁ କରାଯାଉଛି ।

### ଚକୋଲେଟ ଭାବି ମୂଷାମରା ବିସ୍କୁଟ ଖାଇ ଛାତ୍ର ଗୁରୁତର

**ଦିଗପହଣ୍ଡି, ୨୩।୭(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଜଣେ ଛାତ୍ର ରବିବାର ସନ୍ଧ୍ୟାରେ ଚକୋଲେଟ ଭାବି ମୂଷାମରା ବିଷାକ୍ତ ବିସ୍କୁଟ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଛାତ୍ର ଇ.ରାହୁଲ ଦୋରାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଶୁ ଚିକିତ୍ସା କରାଯିବା ପରେ ଅବସ୍ଥାରେ ସୁଧାର ଆସିଛି। ଘର ବାଡ଼ିରେ ପଡ଼ିଥିବା ଏକ ମୂଷାମରା ବିସ୍କୁଟ ପକେଟକୁ ଚକୋଲେଟ ଭାବି ଖାଇଦେଇଥିଲେ। ଏହାପରେ ସେ ଗାଁର ଟିୟୁସନକୁ ପାଠ ପଢିବାକୁ ଯାଇ ସେଠାରେ ବାରମ୍ବାର ବାନ୍ତି କରିଥିଲେ। ଟିୟୁସନ ଶିକ୍ଷକ ଏହା ଜାଣିପାରି ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

## ଆନ୍ତଃଜିଲା ସାହିତ୍ୟ ସମ୍ମିଳନୀ


ବୈଠକରେ ଉପସ୍ଥିତ ଲେଖିକା, ଲେଖକ ।

**ଭଞ୍ଜନଗର, ୨୩।୭(ବାବୁଲା ପ୍ରଧାନ)**

**୪ ଜିଲାର ୯୦ ଲେଖିକା, ଲେଖକ ସମ୍ବର୍ଦ୍ଧିତ**

ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ରବିବାର ବଡ଼କୋଦଣ୍ଡା ଜବାହାର ହାଇସ୍କୁଲ ପରିସରରେ ଆନ୍ତଃଜିଲା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି କୃତିବାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଫଲଗୁ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ମେଜର ରମାଚରଣ ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗଣଶିକ୍ଷା ବିଭାଗର ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୟ ଭାଷା ଅପେକ୍ଷା ଓଡ଼ିଆ ଭାଷା ସାହିତ୍ୟ କେତେ ଉନ୍ନତ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ କର, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା ଯୋଗ ଦେଇଥିଲେ। ବ୍ରହ୍ମପୁର ସାହିତ୍ୟ ସଂସଦର ସଭାପତି ସୁଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ଡ଼. ଶ୍ୟାମା ପ୍ରସାଦ ମିଶ୍ର ସଭାକୁ ସଂଯୋଜନା କରିଥିଲେ । ଅଧ୍ୟାପିକା ସୁଜତା ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଗଞ୍ଜାମ, ଗଜପତି, ନୟାଗଡ଼ ଏବଂ କନ୍ଧମାଳ ଜିଲାର ୯୦ଜଣ ଲେଖିକା, ଲେଖକଙ୍କ ସମେତ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଡ଼.ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ରବୀନ୍ଦ୍ର ନାଥ ମିଶ୍ର, ପ୍ରସନ୍ନ ପଣ୍ଡା, ରବୀନ୍ଦ୍ରନାଥ ଦାସ, ଡ଼. ଲମ୍ବୋଦର ପାଣିଗ୍ରାହୀ, ଡ଼.ହୃଷୀକେଶ ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ତୃତୀୟ ଅଧିବେଶନରେ ପ୍ରଭାତି ମଞ୍ଜରୀ ବେହେରା ଅଧ୍ୟକ୍ଷତା କରିଥିଲେ । ପ୍ରସନ୍ନ କୁମାର ଦାସ, ବନ ବିହାରୀ ନନ୍ଦ, ରାଇ ରଞ୍ଜନ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା । ବୈଷ୍ଣବ ଚରଣ ଦାସ ବେଦ ପାଠ କରିଥିବା ବେଳେ ଅଶୋକ ସ୍ୱାଇଁ ଏବଂ ସାଥି ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ଶୂଳପାଣି ଶତପଥୀ, ବି.ଗୋବିନ୍ଦ ରାଓ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

### ଜୀବନବିନ୍ଦୁ: ୧୦୧ ୟୁନିଟ ରକ୍ତ ସଂଗ୍ରହ

**କୋଦଳା, ୨୩।୭ (ଅମିତ କୁମାର ପଟ୍ଟନାୟକ)**

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ କୋଦଳା ବିଜେଡି ପକ୍ଷରୁ ସ୍ଥାନୀୟ ସ୍ୱର୍ଣ୍ଣମୟୀ ଉଚ୍ଚବିଦ୍ୟାଳୟ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦଘାଟନ କରିଥିଲେ। ଗଞ୍ଜାମ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବେଗୁନିଆପଡା ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ, ଜିଲା ପରିଷଦ ସଭ୍ୟା କଲ୍ୟାଣୀ ପାତ୍ର, କୋଦଳା ଏନ୍‌ଏସି କାଉନସିଲର ଭଗବାନ ପାଢ଼ୀ, ମନୋରଞ୍ଜନ ଡାକୁଆ, ଜିତୁ ପ୍ରଧାନ, ସୀମାଞ୍ଚଳ ଖଟେଇ, ବିଜେଡି କର୍ମୀ ବିଜୟ କୁମାର ମହାପାତ୍ର, ସୂର୍ଯ୍ୟନାରାୟଣ ବଡ୍ଡୁ, ମହିଳା ବିଜେଡି ସଭାପତି ସୁଜାତା ରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୧୦୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ।

## କର୍ପୋରେଟରଙ୍କୁ ସମ୍ବର୍ଦ୍ଧନା


କର୍ପୋରେଟର ମଳୟ ବିଶୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବ୍ରହ୍ମପୁର, ୨୩।୭**

ଇଞ୍ଜିନିୟରିଂ ସ୍କୁଲ ନିକଟସ୍ଥ ହରିବନ୍ଧୁ ଆପାର୍ଟମେଣ୍ଟକୁ ୩ଟି ପକ୍କା ରାସ୍ତା ଓ ୨ଟି ପିଏଚଡ଼ି ପାନୀୟ ଜଳ ସଂଯୋଗୀ କରଣରେ ସହଯୋଗ କରିଥିବାରୁ ଆପାର୍ଟମେଣ୍ଟ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ କର୍ପୋରେଟର ମଳୟ କୁମାର ବିଶୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଆପାର୍ଟମେଣ୍ଟ ସଂଘର ସଭାପତି ପ୍ରଦୀପ ପାଢ଼ୀ ସଭାପତିତ୍ୱ କରିଥିଲେ। ଡ଼.ରାମପ୍ରସାଦ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କର୍ପୋରେଟର ଆଗାମୀ ଦିନରେ ସୁବିଧା ଅସୁବିଧାରେ ଆପାର୍ଟମେଣ୍ଟବାସିନ୍ଦାଙ୍କ ସହ ରହିବେ ଏବଂ ସେମାନଙ୍କୁ ସବୁ ସୁବିଧା ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯକ୍ରମରେ ଜଗନ୍ନାଥ ମହାପାତ୍ର, ମଞ୍ଜୁଳା ସାହୁ, ସୁଶୀଲ ଗନ୍ତାୟତଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ ବାସିନ୍ଦା ଉପସ୍ଥିତ ରହିଥିଲେ।

## ସମାନ ନାଗରିକ ସଂହିତା ନେଇ ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

**ବ୍ରହ୍ମପୁର, ୨୩।୭(ସ୍ମୃତି ରଞ୍ଜନ ମହାଲିକ)**

ମାନବବାଦୀ ଓ ହେତୁବାଦୀ ସଂଗଠନ ଗଞ୍ଜାମ ଜିଲା କମିଟିପକ୍ଷରୁ ସମାନ ନାଗରିକ ସଂହିତା ନେଇ ଏକ ଆଲୋଚନାଚକ୍ର ସଂକଳ୍ପ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ରାଜନୈତିକ ସ୍ୱାର୍ଥରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶରେ ସମାନ ନାଗରିକ ସଂହିତା କଥାକୁ ଉଠାଇଛନ୍ତି ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ସଂହିତାକୁ ବର୍ତ୍ତମାନ ଦେଶର ଆଦିବାସୀ ସଂପ୍ରଦାୟ ଦୃଢ ବିରୋଧ କରିବାରେ ଲାଗିଛନ୍ତି। ତେଣୁ ସବୁ ଧର୍ମର ବ୍ୟକ୍ତିଗତ ଆଇନକୁ ବଳ ପୂର୍ବକ ହଟେଇବା ପରିବର୍ତ୍ତେ ସବୁ ଆଇନରେ ଲିଙ୍ଗଗତ ସମାନତା ଆଣିବା ପାଇଁ ଉଦ୍ୟମ ହେବ ଆବଶ୍ୟକ। ଏଥିସହ ସବୁ ଧର୍ମର ବିଶେଷଜ୍ଞ ନେଇ ଆଲୋଚନା ଓ ବିଚାର ବିମର୍ଷ ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଲଚନ୍ଦ୍ର ଷଡଙ୍ଗୀ, ଡା ଶଙ୍କର ନାରାୟଣ ବେଜ, କେ ନନ୍ଦେଶ୍ବ ସେନାପତି, ସନ୍ତୋଷ କୁମାର ମିଶ୍ର, ସି ଏଚ ଶିବ ପ୍ରସାଦ ରାଓ ଓ ଶିବାନୀ ଶଙ୍କର ରାଓଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଖଣ୍ଡଦେଉଳିରେ ବ୍ୟାଙ୍କ ପ୍ରତିଷ୍ଠା ନ ହେଲେ ଆନ୍ଦୋଳନ

**ଗଞ୍ଜାମ, ୨୩।୭(ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ଏକ ପ୍ରମୁଖ ଗ୍ରାମ ୧୯୫୨ ମସିହାରେ ଯେତେବେଳେ ଗଞ୍ଜାମ ବ୍ଲକରେ ମାତ୍ର ୭ ଗ୍ରାମପଞ୍ଚାୟତ ରହିଥିଲା। ସେଥିରୁ ଖଣ୍ଡଦେଉଳି ଗ୍ରାମପଞ୍ଚାୟତ ହେଉଛି ଏ ଅଞ୍ଚଳର ବ୍ୟବସାୟିକ ପ୍ରାଣକେନ୍ଦ୍ର। ଏ ଅଞ୍ଚଳର ୫୦ ଗ୍ରାମର ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରତ୍ୟହ ବିଭିନ୍ନ କାର୍ଯ୍ୟରେ ନିର୍ଭର କରିଥାନ୍ତି। କାରଣ ଏଠାରେ ୧୯୬୭ରେ ପ୍ରତିଷ୍ଠା ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଏକ ମହାବିଦ୍ୟାଳୟ, ଏକ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ରହିଛି। ଏଠାରେ ବ୍ୟାଙ୍କ ପ୍ରତିଷ୍ଠାନ ନ ଥିବା ଯୋଗୁ ଏଠାରୁ ପ୍ରାୟ ୧୨ କିଲୋମିଟର ରମ୍ଭା, ହୁମ୍ମା କିମ୍ବା ପୁରୁଷୋତ୍ତମପୁର ଯାଇ ଲୋକଙ୍କୁ ଅଯଥା ହଇରାଣ ହେବାକୁ ପଡୁଛି। ବିଶେଷକରି କ୍ଷୁଦ୍ର ଉଦ୍ୟୋଗପତିମାନେ ଦୈନିକ ହଜାର ହଜାର ଟଙ୍କା ଅର୍ଥ କାରବାର ପାଇଁ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଉଛି। ସରକାରଙ୍କ ବିଜ୍ଞାପନରେ କୁହାଯାଇଛି ଯେ ପ୍ରତି ପଞ୍ଚାୟତରେ ସର୍ବସାଧାରଣଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବାପାଇଁ ନିୟମ ଓ ନିର୍ଦ୍ଦେଶ ଥିଲେ ମଧ୍ୟ ଏଠାରେ ବ୍ୟାଙ୍କ ପ୍ରତିଷ୍ଠାନ ହୋଇପାରିନାହିଁ। ଖଣ୍ଡଦେଉଳି ବ୍ୟାଙ୍କ ପ୍ରତିଷ୍ଠାନ ଖୋଲିବା ପାଇଁ ସମସ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏଠାକୁ ଦୁଇ ଦୁଇଥର ପରିଦର୍ଶନ କରି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଏଠାରେ ବ୍ୟାଙ୍କ ପ୍ରତିଷ୍ଠା ହେଲାନାହିଁ। ଏଠାରେ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ଖଣ୍ଡଦେଉଳି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶିକ୍ଷାବିତ ରାମଚନ୍ଦ୍ର ଗୌଡ଼, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ସରପଞ୍ଚ ବୈରାଗୀ ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ଦଣ୍ଡପାଣି ମହାପାତ୍ର, ପୂର୍ବତନ ସରପଞ୍ଚ ପଦ୍ମ ଚରଣ ପ୍ରଧାନ, ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ସନ୍ତୋଷପୁର ସରପଞ୍ଚ ଭୀମସେନ ସାହୁ, ପାଲଙ୍ଗ ରାଜଶ୍ରୀ ଗୌଡ଼, ପୂର୍ବତନ ସରପଞ୍ଚ ଜାନକୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଭିରାମ ବେହେରା, ପୋଇରାଶି ସରପଞ୍ଚ ରବୀନ୍ଦ୍ର ନାଥ ବେହେରା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବଟେଶ୍ୱର ପୀଠ

**ଗଞ୍ଜାମ, ୨୩।୭(ବିଦ୍ୟାଧର ସାହୁ)**

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ହୁମ୍ମାଠାରୁ ମାତ୍ର ୩ କିମି ପରେ ପଡିବ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ପୀଠ। ଝାଉଁ ଜଙ୍ଗଲ ମଧ୍ୟରେ ଥିବା ଏହି ବଟେଶ୍ୱର ପୀଠକୁ ଲାଗି ରହିଛି ମନୋରମ ଶିଶୁ ପାର୍କ। ଏଥିସହ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ରହିଛି ଶୌଚାଳୟ ଓ ରାତ୍ର ରହଣି ପାଇଁ କଲ୍ୟାଣ ମଣ୍ଡପ ମଧ୍ୟ ଅଛି। ଏଥିପାଇଁ ପ୍ରତିବର୍ଷ ଏହି ପର୍ଯ୍ୟଟନସ୍ଥଳକୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ପ୍ରାୟ ୩୦ ଫୁଟ ତଳେ ପୂଜା ପାଉଛନ୍ତି ମହାଦେବ। ମନ୍ଦିର ଚର୍ତୁପାର୍ଶ୍ୱରେ ଘେରି ରହିଛି ଝାଉଁ ଜଙ୍ଗଲ। ମନ୍ଦିରକୁ ଲାଗି ରହିଥିବା ଶିଶୁ ଉଦ୍ୟାନରେ ପ୍ଲାଷ୍ଟିକରେ ନିର୍ମିତ ବାଘ, ଜେବ୍ରା, ହରିଣ ଆଦି ଜୀବନ୍ତ ଭଳି ମନେ ହେଉଛନ୍ତି। ପାର୍କକୁ ଲାଗି ରହିଛି ଏକ ଅତ୍ୟାଧୁନିକ ପୋଖରୀ ଓ ପୋଖରୀର ମଧ୍ୟ ସ୍ଥଳରେ ବିରାଟ ଶିବମୂର୍ତ୍ତି। ବଟେଶ୍ୱର ପୀଠଠାରୁ ଆଉ କିଛି ଦୂରରେ ରହିଛି ବଙ୍ଗୋପସାଗର ବେଳାଭୂମି। ଏତେ ସବୁ ବ୍ୟବସ୍ଥା ଥାଇ ମଧ୍ୟ ଏହି ସ୍ଥାନକୁ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତ୍ୟ ମିଳିନି। ଏହି ପ୍ରସିଦ୍ଧ ବଟେଶ୍ୱର ମନ୍ଦିରର ବିଭିନ୍ନ ଯାନିଯାତ୍ରାକୁ ୬ ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ମୟୂରପଦା, ଗୋଖରକୁଦା ଏବଂ ପୋଡ଼ମପେଟା ଗ୍ରାମବାସୀ ପରିଚାଳନା କରୁଛନ୍ତି।


ବଟେଶ୍ୱର ଶୈବପୀଠ।

## ଲୁଟ୍ ଅଭିଯୋଗରେ ୪ କୋର୍ଟ ଚାଲାଣ

**ବେଲଗୁଣ୍ଠା, ୨୩।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ଗାଙ୍ଗପୁର ଥାନା କେନ୍ଦୁପଦର ଗ୍ରାମର ଦିଲୀପ ପାତ୍ରଙ୍କଠାରୁ ଲୁଟ୍ ଅଭିଯୋଗରେ ପୋଲିସ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ସାଦରା ଗ୍ରାମର ନାରାୟଣ ପ୍ରଧାନ ଏବଂ ପ୍ରତାପ ବିଷୋୟୀ, ପଣିବନ୍ଧ ଗ୍ରାମର ରମେଶ ସ୍ୱାଇଁ ଏବଂ ନାରାୟଣ ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା। ଶନିବାର ବିଦେଶରୁ ଗାଙ୍ଗପୁର ଥାନା କେନ୍ଦୁପଦର ଗ୍ରାମର ଦିଲୀପ ପାତ୍ର ବିମାନ ଯୋଗେ ବିଶାଖାପାଟଣା ଆସିଥିଲେ। ସେଠାରୁ କୌଣସି କାମରେ ଆସିକା ଆସିଥିଲେ। କାମ ସାରି ନିଜ ଗ୍ରାମ କେନ୍ଦୁପଦରକୁ ଆସିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ଗାଙ୍ଗପୁର ଥାନା ବଡ଼ସାଦରା ଗ୍ରାମର ଦୁଇଜଣ ଏବଂ ବାଲିସିରା ଗ୍ରାମର ଜଣେ ଯୁବକ କାର୍‌ରେ ଦିଲୀପଙ୍କୁ ଲିଫ୍ଟ ଦେବାର ବାହାନା କରି ଡାକିଥିଲେ। କିନ୍ତୁ ଗାଡ଼ି କେନ୍ଦୁପଦର ଅତିକ୍ରମ କରିବା ପରେ ନ ଅଟକିବାରୁ ଦିଲୀପ ପ୍ରତିବାଦ କରିଥିଲେ। କିନ୍ତୁ ସେମାନେ ଦିଲୀପଙ୍କୁ ଗାଙ୍ଗପୁର ନିକଟସ୍ଥ ଖଇରପୁଟି ଗ୍ରାମ ମା' ସିଦ୍ଧେଶ୍ୱରୀ ମନ୍ଦିର ରାସ୍ତାର ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ପର୍ସରେ ଥିବା ୧୫ ହଜାର ଟଙ୍କା ଏବଂ ବ୍ୟାଗ୍‌ରେ ଥିବା ୧ ଲକ୍ଷ ଟଙ୍କା ଓ ଭିଜା, ପାସ୍‌ପୋର୍ଟ, ବିଭିନ୍ନ ଦରକାରି କାଗଜପତ୍ର ଛଡ଼ାଇନେଇଥିଲେ। ଦିଲୀପ ସେଠାରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଖବର ପାଇ ଦିଲୀପଙ୍କ ବାପା ଆସି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରବିବାର ଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ପ୍ରଥମେ ଗାଙ୍ଗପୁର ଥାନା ବଡ଼ ସାଦରା ଗ୍ରାମରେ ଚଢ଼ାଉ କରି ୩୯୦୦୦ ଟଙ୍କା ଏବଂ କିଛି ସାମଗ୍ରୀ ପାଇଥିଲା। ପରେ ରମେଶ ଏବଂ ଶାନ୍ତିଲତାଙ୍କଠାରୁ ଟଙ୍କା ଏବଂ ଲୁଟ୍ ସାମଗ୍ରୀ ଜବତ କରିଥିଲା। ଦିଲୀପ ବ୍ରହ୍ମପୁର ମେଡିକାଲ୍‌ରେ ଚିକିତ୍ସିତ ହୋଇ ଫେରିବା ପରେ ଗାଙ୍ଗପୁର ପୋଲିସ ଏକ ଖବରଦାତା ସମ୍ମିଳନୀ କରି ତାଙ୍କୁ ଲୁଟ୍ ଟଙ୍କା, ଭିଜା, ପାସପୋର୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ହସ୍ତାନ୍ତର କରିଥିଲା। ଏ ନେଇ ନଂ.୫୨୮/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।


ଲୁଟ୍ ଟଙ୍କା ଓ ସାମଗ୍ରୀ ଫେରାଉଛି ପୋଲିସ।

**ଗାଙ୍ଗପୁର ଥାନାରେ ଖବରଦାତା ସମ୍ମିଳନୀ**

- ଲୁଟ୍ ଟଙ୍କା ଓ ସାମଗ୍ରୀ ଫେରି ପାଇଲେ ଦିଲୀପ

